## ମାଂସ ଏବଂ ଅଣ୍ଡା ଉତ୍ପାଦନ :



ମାଂସ ପାଇଁ ଉଦ୍ଦିଷ୍ଟ ବତକମାନଙ୍କୁ ୬ ସପ୍ତାହରେ ବିକ୍ରି କରିହେବ । ବତକ ମାଂସ କିଲୋ ପିଛା ୧୦୦ ଟଙ୍କାରେ ବିକା ଯାଇପାରିବ । ଅଣ୍ଡା ଦିଆ ବତକ ୫ ମାସ ବେଳକୁ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି । ତେଣୁ କରି ସେହି ସମୟରେ ସେମାନଙ୍କୁ ସୁଷମ ଖାଦ୍ୟ ଦେବା ଦରକାର । ପନିପରିବା ଚୋପା ସିଝାଇ ଖାଇବାକୁ ଦେଇ ପାରିବେ । ଏମାନଙ୍କୁ ଶାମୁକା, ମାଛକାଡି, ମାର୍ବଲ ଗୁଣ୍ଡ ଆଦି ଖାଦ୍ୟରେ ମିଶାଇ ଦେଲେ ଅଣ୍ଡା ଉତ୍ପାଦନ ବଢିଥାଏ ଏବଂ ଅଣ୍ଡାର ଖୋଳପା ମଧ ଟାଣ ହୋଇଥାଏ । ବତକମାନେ ପାହାନ୍ତିଆ ସମୟରେ ଅଣ୍ଡା ଦେଇଥାନ୍ତି । ତେଣୁ କରି ଅଣ୍ଡା ଦେବା ଆଗରୁ ବତକ ଘରର ଏକ ସ୍ଥାନରେ ଓସାରିଆ ମୁହଁ ଥିବା ମାଟିହାଣ୍ଡି ବସାଇଲେ ମାଈ ବତକ ମାନେ ତା' ମଧ୍ୟରେ ଅଣ୍ଡା ଦେବା ଅଭ୍ୟାସ କରିଥାନ୍ତି, ଯାହାଦ୍ୱାରା ଅଣ୍ଡା ଫାଟି ନଥାଏ କି ଅପରିଷ୍କାର ମଧ ହୋଇନଥାଏ । ମାଈ ବତକ ଅଣ୍ଡା ଦେବା ଆରମ୍ଭ କଲେ ଦଳରେ ଥିବା ଅଣ୍ଡିରା ବତକ ମାନଙ୍କୁ ମାଂସ ପାଇଁ ବିକ୍ରି କରି ଦେବା ଉଚିତ୍ । ବତକ ଅଣ୍ଡା ଓଜନ କୁକୁଡ଼ା ଅଣ୍ଡାଠାରୁ ଅଧିକ ହୋଇଥିବା ହେତୁ, ଏହାକୁ ଆମେ ଅଧିକ ଟଙ୍କାରେ ବିକ୍ରି କରି ଅଧିକ ଲାଭ ପାଇଥାଉ ।

ବାଡ଼ି ଅଗଣାରେ ଉପରୋକ୍ତ ପ୍ରଣାଳୀରେ ବତକପାଳନ କରିଲେ ଜଣେ ଚାଷୀ ମାଂସଳ ବତକରେ ମାସିକ ଟ.୨୦୦୦/- ଏବଂ ଅଣ୍ଡାଦିଆ ବତକ କ୍ଷେତ୍ରରେ ବାର୍ଷିକ ୧୫,୦୦୦ ରୁ ୨୦,୦୦୦/- ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ ।



## ବତକ ଚାଷର ଆୟ-ବ୍ୟୟ ଅଟକଳ

**ଅର୍ଦ୍ଧ ସଘନ ପ୍ରଣାଳୀରେ ୨୦ ଟି ଅଣ୍ଡାଦିଆ ବତକ ପାଳନର ଖର୍ଚ୍ଚ :**

(କ) ବତକ ଚିଆଁ - ଟ. ୪୦୦/-
(ଚିଆଁ ପ୍ରତି ଟ.୨୦/-ହିସାବରେ)
(ଖ) ଖାଦ୍ୟ(ବୃଦ୍ଧି ସମୟରେ, ୩୩ କିଲୋ ୬୦୦ ଗ୍ରାମ୍)
(ବତକ ପିଛା ୬୦ ଗ୍ରାମ୍ ହିସାବରେ ୪ ସପ୍ତାହ ପାଇଁ ଦାନା)
ଟ.୯୪୦/-
(ଗ) ଅନ୍ୟାନ୍ୟ ଟ. ୫୦୦/-
ଟ.୧୮୪୦/-

**ଆୟ :-**

(କ)ଅଣ୍ଡା ବିକ୍ରିରୁ ଆୟ-୫X୧୦X୨୫୦= ଟ.୧୨,୫୦୦/-
(ଗୋଟା ପ୍ରତି ଟ.୫/-ହିସାବରେ)
(ଦେଢ ବର୍ଷରେ ୧୦ ଟି ମାଈ ବତକରୁ ଅଣ୍ଡା ଉତ୍ପାଦନ)
(ଖ)୧୦ ଟି ଅଣ୍ଡିରା ବତକ ବିକ୍ରିରୁ ଆୟ=ଟ. ୩୦୦୦/-
(ଗୋଟା ବତକ ପିଛା ଟ.୩୦୦/-ହିସାବରେ)
(ଗ)୧୦ଟି ମାଈ ବତକ ବିକ୍ରିରୁ ଆୟ= ଟ. ୨୦୦୦/-
(ଗୋଟା ବତକ ପିଛା ଟ. ୨୦୦/-ହିସାବରେ
ମୋଟ ଟ.୧୭,୫୦୦/-

ଲାଭ = ଟ. ୧୭,୫୦୦ - ଟ. ୧୮୪୦
=ଟ. ୧୫୬୬୦/-

ଜଣେ ଚାଷୀ ୨୦ ଟି ବତକ ଅର୍ଦ୍ଧ ସଘନ ପ୍ରଣାଳୀରେ ରଖିଲେ ଦେଢବର୍ଷରେ ହାରାହାରି ଟ. ୧୫୬୬୦/- ଲାଭ ପାଇପାରିବ ।

ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ, ସହିତ ଯୋଗାଯୋଗ କରନ୍ତୁ ।

# ବତକ ପାଳନ

## ଚାଷୀଙ୍କ ପାଇଁ ଅଧିକ ରୋଜଗାରର ପନ୍ଥା




ତଥ୍ୟ
**ଡା. ମୋନାଲିସା ବେହେରା**
ବିଷୟବସ୍ତୁ ବିଶେଷଜ୍ଞ (ପ୍ରାଣୀ ବିଜ୍ଞାନ)
**ଡଃ. ସୁମିତା ଆଚାର୍ଯ୍ୟ**
ବିଷୟବସ୍ତୁ ବିଶେଷଜ୍ଞ (ଗୃହ ବିଜ୍ଞାନ)
**ଶ୍ରୀମତୀ ରଶ୍ମିପ୍ରଭା ମିଶ୍ର**
କାର୍ଯ୍ୟକ୍ରମ ସହାୟକ (ମତ୍ସ୍ୟ ବିଜ୍ଞାନ)

ମୁଖ୍ୟ ସଂପାଦିକା
**ଡଃ. ବିନୀତା ଶତପଥୀ**
କାର୍ଯ୍ୟକ୍ରମ ସଂଯୋଜିକା

**କୃଷି ବିଜ୍ଞାନ କେନ୍ଦ୍ର**
**ଅନୁଗୁଳ**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ବର୍ତ୍ତମାନ ବତକ ପାଳନକୁ ଆମ ରାଜ୍ୟ ଓଡ଼ିଶାରେ ନୂତନ କୃଷି ନୀତିରେ ଅନ୍ତର୍ଭୁକ୍ତ କରାଯାଇଛି । ତେଣୁ ସମନ୍ୱିତ କୃଷି ମାଧ୍ୟମରେ ବତକ ପାଳନ ବହୁଳଭାବରେ ଲୋକାଦୃତ ହୋଇପାରିଛି । ଏହା ବ୍ୟତୀତ ପୂର୍ବର ପାଳନ ପ୍ରଣାଳୀ ଆନୁଯାୟୀ ବତକ ପାଳନଟି କେବଳ ଜଳାଶୟ, ପୋଖରୀ କିମ୍ବା ନାଳ ଥିବା ସ୍ଥାନରେ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ବତକ ପାଳନର ନବଦିଗନ୍ତ ସୃଷ୍ଟି ହୋଇଛି, ଯେଉଁଥିରେ ଚାଷୀମାନେ ପଲିଥିନ୍ ବ୍ୟବହାର କରି କୃତ୍ରିମ ଜଳାଶୟ ତିଆରି କରି ବତକ ପାଳନ କରିପାରିବେ । ତେଣୁ ସବୁ ସ୍ଥାନରେ ଚାଷୀମାନେ ବତକ ପାଳନ କରିବାକୁ ଆଗଭର ହେଲେଣି ।

### ବତକ ପାଳନର ଉପକାରିତା :




- ବତକ ପାଳନ ପାଇଁ କମ୍ ମୂଳଧନ ଆବଶ୍ୟକ ।
- ବତକ ଘର ଖୁବ୍ କମ୍ ଖର୍ଚ୍ଚରେ ହୋଇଥାଏ ।
- କୁକୁଡ଼ା ମାନଙ୍କ ତୁଳନାରେ ବତକମାନେ ଅଧିକ ଅଣ୍ଡା ଦେଇଥାନ୍ତି ।
- ବତକ ଅଣ୍ଡାର ଆକାର କୁକୁଡ଼ା ଅଣ୍ଡା ଠାରୁ ବଡ଼ ।
- ବତକ ଅଣ୍ଡାରେ ପୁଷ୍ଟିସାର ଓ ଖାଦ୍ୟପ୍ରାଣ ଅଧିକ ପରିମାଣରେ ଥାଏ ।
- ଏମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ଅଧିକଥିବା ହେତୁ ମୃତ୍ୟୁହାର ଯଥେଷ୍ଟ କମ୍ ଏବଂ ଯତ୍ନ ମଧ୍ୟ କମ୍ ଆବଶ୍ୟକ କରିଥାନ୍ତି ।
- ବତକମାନେ ଗାଁ ପୋଖରୀ, ବାଡ଼ି ବଗିଚା ଆଦି ସ୍ଥାନରୁ ଯଥେଷ୍ଟ ଖାଦ୍ୟ ସଂଗ୍ରହ କରିପାରନ୍ତି, ତେଣୁ ଖାଦ୍ୟ ପରିଚାଳନା ସହଜ ହୋଇଥାଏ ।
- ବତକକୁ ଧାନ ଏବଂ ମାଛଚାଷ ସହିତ ସମନ୍ୱିତ ଭାବେ କଲେ ଅଧିକ ଲାଭ ମିଳିଥାଏ ।

### ବତକର କିସମ :

**(୧) ଅଣ୍ଡା ଉପଯୋଗୀ ବତକ :**



**ଖାକି କ୍ୟାମ୍ବେଲ୍ :** ଏମାନଙ୍କ ରଙ୍ଗ ଧୂସର, ଆକାର ମଧ୍ୟମରୁ ଛୋଟ, ମାତ୍ର ଅଧିକ ଅଣ୍ଡା ଉତ୍ପାଦନ ପାଇଁ ପୃଥିବୀ ପ୍ରସିଦ୍ଧ । ଏମାନେ ବାର୍ଷିକ ୩୦୦ ରୁ ଅଧିକ ଅଣ୍ଡା ଦେଇଥାନ୍ତି ।



**ଇଣ୍ଡିଆନ୍ ରନର :** ଏମାନେ ଧଳା, ଚିତ୍ରିତ ଓ ଧଳା ଧୂସର ରଙ୍ଗରେ ଦେଖିବାକୁ ମିଳନ୍ତି । ଖାକି କ୍ୟାମ୍ବେଲ୍ ଠାରୁ ଆକାରରେ ଛୋଟ । ବାର୍ଷିକ ୨୫୦ ରୁ ୩୦୦ ଅଣ୍ଡା ଦେଇଥାନ୍ତି । ଏହି କିସମଟିକୁ ଚିହ୍ନିବାର ମୁଖ୍ୟ ଗୁଣ ହେଲା, ଏମାନେ ଉପରକୁ ସିଧା ହୋଇ ବସନ୍ତି ।



**ଦେଶୀ ବତକ :** ରଙ୍ଗ ଧଳା-କଳା ମିଶ୍ରିତ । ଓଜନ ମଧ୍ୟମ । ବାର୍ଷିକ ଅଣ୍ଡା ଦେବା କ୍ଷମତା ୧୨୦ ରୁ ୧୫୦ ପର୍ଯ୍ୟନ୍ତ ।

**(୨) ମାଂସ ଉପଯୋଗୀ ବତକ :**



**ହ୍ୱାଇଟ୍ ପେକିନ୍ :** ଏମାନେ ମାଂସ ଉତ୍ପାଦନରେ ପୃଥିବୀ ପ୍ରସିଦ୍ଧ । ରଙ୍ଗ ଧଳା ଏବଂ ଶରୀର ଲମ୍ବା, ଓସାରିଆ । ଏମାନେ ୬ ସପ୍ତାହରେ ୨.୫ କିଲୋ ଓଜନ ହୋଇ ପାରନ୍ତି । ଏହି ଜାତୀୟ ବତକର ମାଂସ ସାଦଯୁକ୍ତ ।



**ମୋତି/ମସ୍କୋଭି :** ରଙ୍ଗ ଧଳା-କଳା ମିଶ୍ରିତ । ଆକାର ବଡ଼ । ଏମାନଙ୍କର ଜଳ ଆବଶ୍ୟକତା କମ୍ । ମାଂସ ଅତ୍ୟନ୍ତ ସୁସ୍ୱାଦୁ ।

### ବତକ ଚିଆଁ ମିଳୁଥିବା ସ୍ଥାନ :

ଓଡ଼ିଶାରେ କେନ୍ଦ୍ରୀୟ ପକ୍ଷୀ ଗବେଷଣା ପ୍ରତିଷ୍ଠାନ, ଆଞ୍ଚଳିକ କେନ୍ଦ୍ର (CARI), ଭୁବନେଶ୍ୱର, ବତକ ପ୍ରଜନନ କେନ୍ଦ୍ର, ଖପୁରିଆ, କଟକ ଏବଂ ରାଜ୍ୟ ବାହାରେ କେନ୍ଦ୍ରୀୟ ପକ୍ଷୀ ବିକାଶ ସଂଗଠନ, ହେସାରଘାଟା, ବାଙ୍ଗାଲୋର ।

### ପାଳନ ପଦ୍ଧତି :



**ବତକ ଘର :** ବାଡ଼ି ଅଗଣାରେ ବା ପୋଖରୀ ହୁଡ଼ାରେ ନଡ଼ା ଛପର ବିଶିଷ୍ଟ ଏକ ଛୋଟ ୟୁନିଟ୍ ସହଜରେ ହୋଇପାରିବ । ବତକ ପିଛା ୨-୨.୫ ବର୍ଗଫୁଟ ହିସାବରେ ସ୍ଥାନ ରହିବା ଆବଶ୍ୟକ । ସର୍ବନିମ୍ନ ୫ ରୁ ୬ ଫୁଟ ଉଚ୍ଚତା ବିଶିଷ୍ଟ ଘର ହେବା ଦରକାର । ବାୟୁଚଳାଚଳ ପାଇଁ ବିପରୀତ ମୁଖୀ ଦୁଇଟି ଜାଲିଯୁକ୍ତ ଝରକା ରଖିବା ଉଚିତ୍ । ଘରର ଚଟାଣରେ ଏକ ସେ.ମି. ବହଳରେ ବାଲି ବା ଚଷୁ ପକାଇବା ଆବଶ୍ୟକ ।



**ବ୍ରୁଡ଼ିଂ :** ଦିନିକିଆ ବତକ ଛୁଆ ମାନଙ୍କୁ ୩ ରୁ ୪ ସପ୍ତାହ ବ୍ରୁଡ଼ିଂ କରାଯାଏ । ଏହି ସମୟରେ ଆବଶ୍ୟକ ଅନୁସାରେ ବିଦ୍ୟୁତ୍ ବଲବ୍ ବା ଲଣ୍ଠନ ସାହାଯ୍ୟରେ ଉଷ୍ମତା ପ୍ରଦାନ କରାଯାଏ । ଘର ଭିତରେ ୨୦୦ ୱାଟର ବିଦ୍ୟୁତ୍ ବଲବ୍ ଚଟାଣ ଠାରୁ ୨ ଫୁଟ ଉଚ୍ଚତାରେ ଝୁଲେଇବା ଆବଶ୍ୟକ । ଶୀତ ଦିନରେ ଏହି ବଲବ୍ ସଂଖ୍ୟା ଆବଶ୍ୟକତା ଅନୁସାରେ ବଢ଼ା ଯାଇଥାଏ । ଚଟାଣରେ ଅଖା ମଧ୍ୟ ବିଛାଇ ରଖିଲେ ଭଲ । ମାତ୍ର ଅଖାକୁ ୨ ଦିନ ବ୍ୟବଧାନରେ ଧୋଇ ଖରାରେ ଶୁଖାଇବା ଉଚିତ୍ । କୁକୁଡ଼ା ଚିଆଁ ପାଇଁ ପ୍ରସ୍ତୁତ ଦାନା ବତକ ଛୁଆମାନଙ୍କ ପାଇଁ ମଧ୍ୟ ଦେଇପାରିବେ । ଦାନାରେ ସମପରିମାଣରେ ପାଣି ମିଶାଇ ଖାଇବାକୁ ଦେବା ଉଚିତ୍, ନଚେତ୍ ପାଣି ଓ ଦାନା ଏକା ସାଙ୍ଗରେ ଏବଂ ପାଖା ପାଖି ଦେବା ଆବଶ୍ୟକ । ବ୍ରୁଡ଼ିଂ ସମୟରେ ଚିଆଁ ଗୁଡ଼ିକୁ କିଛି ସମୟ ଅଗଣାରେ ବୁଲିବା ପାଇଁ ଛାଡ଼ିଲେ ଭଲ । ତିନି ରୁ ଚାରି ସପ୍ତାହ ପରେ ଏମାନଙ୍କୁ ପୋଖରୀ କିମ୍ବା ଜଳାଶୟକୁ ଛାଡ଼ିବାକୁ ହୋଇଥାଏ । ତିନି ରୁ ଚାରି ସପ୍ତାହ ପରେ ବତକମାନଙ୍କୁ ବଳକା ଖାଦ୍ୟ କିମ୍ବା ପନିପରିବା ଚୋପା ଆଦି ସିଖାଇ ଖାଇବାକୁ ଦେଲେ ଦାନା ଦେବାକୁ ପଡ଼ିନଥାଏ ।

### ପଲିଥିନ୍ ପଣ୍ଡ/କୃତ୍ରିମ ଜଳାଶୟରେ ବତକ :



ଜଳାଶୟ ସୁବିଧା ନିକଟରେ ନ ଥିଲେ ମୋଟା ପଲିଥିନ୍‌ରେ କୃତ୍ରିମ ଜଳାଶୟ କରି ବତକମାନଙ୍କୁ ଛାଡ଼ି ହେବ । ଏହି କୃତ୍ରିମ ଜଳାଶୟ ପାଇଁ ବାଡ଼ି ଅଗଣାରେ ଏକ ୧.୫ ରୁ ୨ ଫୁଟ ଗଭୀର, ୬ ଫୁଟ ଲମ୍ବ ଓ ୪ ଫୁଟ ଓସାର ବିଶିଷ୍ଟ ଗାତ କରି, ଏହାର ଭିତର ପାଖକୁ ମୋଟା ପଲିଥିନ୍‌ରେ ଆବଦ୍ଧ କରିବା ପରେ, ସେଠାରେ ଜଳ ଭରି ବତକକୁ ଛାଡ଼ି ପାରିବା । ଏହି ପଲିଥିନ୍‌ର ବାହାର ଧାରରେ ଇଟା କିମ୍ବା ପଥର ଦେଇ ଏହାକୁ ସୁରକ୍ଷିତ କରିବା ଆବଶ୍ୟକ ।